# NATIONAL NEWS BULLETIN (ODIA)
## 8 February - 2026
## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ରାଜିମାନା କୃଷକଙ୍କ ସ୍ୱାର୍ଥର ସମ୍ପୂର୍ଣ୍ଣ ସୁରକ୍ଷା ନିଶ୍ଚିତ କରୁଛି-କହିଲେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ।
- ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ କରିବା ଉଦ୍ଦେଶ୍ୟରେ ୫ ଦିନିଆ ଭାରତ ଗସ୍ତରେ ସେଚେଲ୍ସର ରାଷ୍ଟ୍ରପତି ।
- ଆମେରିକା-ଇରାନ୍ ଆଲୋଚନା ପ୍ରସଙ୍ଗ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସାକ୍ଷାତ୍ କରିବେ ଇସ୍ରାଏଲ ପ୍ରଧାନମନ୍ତ୍ରୀ

ଏବଂ

- ଟି-୨୦ ବିଶ୍ୱକପ୍‌ରେ ଗତକାଲି ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ଆମେରିକାକୁ ୨୯ ରନ୍‌ରେ ପରାସ୍ତ କଲା ଭାରତ ।

- ଆଜି ଖେଳାଯିବ ୩ଟି ମ୍ୟାଚ୍ ।

# ଗୋଏଲ – ଇଣ୍ଡିଆ ୟୁଏସ୍ ପିସି

ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ରାଜିନାମା ନିରପେକ୍ଷ ଏବଂ କୃଷକଙ୍କ ସ୍ୱାର୍ଥର ସମ୍ପୂର୍ଣ୍ଣ ସୁରକ୍ଷା ସୁନିଶ୍ଚିତ କରୁଛି । ଶୁଳ୍କ ରିହାତି ପରେ ମଧ୍ୟ ଭାରତରେ ପର୍ଯ୍ୟାପ୍ତ ପରିମାଣର କୃଷି ଏବଂ ଦୁଗ୍ଧଜାତ ଦ୍ରବ୍ୟ ମହଜୁଦ ରହିଥିବା କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି । ଭାରତ-ଆମେରିକା ବାଣିଜ୍ୟିକ ଚୁକ୍ତିନାମା ରପ୍ତାନୀକୁ ପ୍ରୋତ୍ସାହନ ଦେବା ସହ ନୂଆ ନିଯୁକ୍ତି ସୃଷ୍ଟି କରିବା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ସହାୟକ ହେବ ବୋଲି ସେ କହିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଭାରତ-ଆମେରିକା ମିଳିତ ବିବୃତ୍ତି ସମ୍ପର୍କରେ ସୂଚନା ଦେଇ ଶ୍ରୀ ଗୋଏଲ କହିଛନ୍ତି ଭାରତୀୟ ରପ୍ତାନୀ ପାଇଁ ପୂର୍ବରୁ ନିର୍ଦ୍ଧାରିତ ୫୦ ପ୍ରତିଶତ ପାରସ୍ପରିକ ଶୁଳ୍କ ୧୮ ପ୍ରତିଶତକୁ ହ୍ରାସ ପାଇଛି । ଚୀନ୍, ପାକିସ୍ତାନ, ବାଂଲାଦେଶ ଏବଂ ଭିଏତ୍‌ନାମ ସମେତ ଅନ୍ୟ ପଡୋଶୀ ଦେଶଗୁଡ଼ିକ ତୁଳନାରେ ଶୁଳ୍କ ହାର ହ୍ରାସ ପାଇଛି । ଏହି ଚୁକ୍ତି ଫଳରେ କେତେକ ଭାରତୀୟ ଉତ୍ପାଦଗୁଡ଼ିକ ଉପରେ ଆମେରିକାରେ କୌଣସି ଶୁଳ୍କ ଲାଗୁ ହେବନାହିଁ ବୋଲି ଶ୍ରୀ ଗୋଏଲ କହିଛନ୍ତି ।

**V/O (Piyush Goyal)**

ଶ୍ରୀ ଗୋଏଲ କହିଛନ୍ତି ଉଭୟ ଦେଶ ଦ୍ୱିପାକ୍ଷିକ ବାଣିଜ୍ୟକୁ ୪୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି ।

# ସେଚେଲସ୍ ପ୍ରେଜ୍ ଭିଜିଟ୍

ସେଚେଲ୍ସର ରାଷ୍ଟ୍ରପତି ପ୍ୟାଟ୍ରିକ ହର୍ମିନି ସେଠାକାର ପ୍ରଥମ ମହିଳା ଭେରୋନିକ୍ ହର୍ମିନ୍‌ଙ୍କ ସହ ୫ ଦିନିଆ ଭାରତ ଗସ୍ତରେ ଆସି ଗତକାଲି ମୁମ୍ବାଇରେ ପହଞ୍ଚିଛନ୍ତି । ସେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲଙ୍କ ସହ ସାକ୍ଷାତ୍ କରିବା ପରେ ଭାରତୀୟ ଶିଳ୍ପ ମହାସଂଘ ଦ୍ୱାରା ଆୟୋଜିତ ଭାରତ-ସେଚେଲ୍ସ ବ୍ୟବସାୟିକ ବୈଠକରେ ଯୋଗଦେଇଛନ୍ତି ।

ବୈଠକକୁ ସମ୍ବୋଧିତ କରି ରାଷ୍ଟ୍ରପତି ହର୍ମିନି କହିଛନ୍ତି ଗତ ୫୦ବର୍ଷ ମଧ୍ୟରେ ଭାରତ-ସେଚେଲ୍ସ ସମ୍ପର୍କ ମଜଭୁତ ହୋଇଛି ଏବଂ ତାଙ୍କ ଦେଶ ଏହି ସମ୍ପର୍କକୁ ଆହୁରି ଦୃଢ଼ କରିବା ଲାଗି ଉଦ୍ୟମ କରୁଛି । ସେ କହିଛନ୍ତି ସେଚେଲ୍ସ ଭାରତକୁ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ଭାବେ ବିବେଚନା କରିଥାଏ । ମନ୍ତ୍ରୀ ଶ୍ରୀ ସୋନଓ୍ୱାଲ କହିଛନ୍ତି ଦୁଇଦେଶ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ସାମୁଦ୍ରିକ ସୁରକ୍ଷା ଓ ବିପର୍ଯ୍ୟୟ ପ୍ରତିରୋଧୀ ପରିଚାଳନା କ୍ଷେତ୍ରରେ ଦୀର୍ଘକାଳୀନ ସମ୍ପର୍କ ରହିଆସିଛି । ସେ କହିଛନ୍ତି ବାଣିଜ୍ୟ, ନିବେଶ, ମୁମ୍ବାଇ-ମାହେ ମଧ୍ୟରେ ସିଧାସଳଖ ସଂଯୋଗ ସ୍ଥାପନ ଏବଂ ବନ୍ଦର ଆଧାରିତ ବିକାଶ ଦିଗରେ ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ଓ

ରଣନୈତିକ ସହଯୋଗ ପାଇଁ ନୂତନ ସୁଯୋଗ ସୃଷ୍ଟି ହୋଇଛି । ଏହି ବୈଠକରେ ସେଚେଲ୍ସର ବୈଦେଶିକ ବ୍ୟାପାର ଓ ପ୍ରବାସୀ ମନ୍ତ୍ରୀ ଏବଂ ନିବେଶ ମନ୍ତ୍ରୀ ତଥା ଦୁଇଦେଶର ବ୍ୟବସାୟିକ ପ୍ରତିନିଧିମାନେ ସାମିଲ ହୋଇଥିଲେ ।

## ଭିପି-ପିଏମ୍ ମାଲେସିଆ

ମାଲେସିଆର କ୍ୱାଲାଲାମପୁରଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରବାସୀ ଭାରତୀୟମାନଙ୍କୁ ଦେଇଥିବା ଉଦ୍‌ବୋଧନ ଉଭୟ ରାଷ୍ଟ୍ରମଧ୍ୟରେ ଗଭୀର ଐତିହାସିକ ଏବଂ ସାଂସ୍କୃତିକ ସମ୍ପର୍କକୁ ସୂଚିତ କରେ ବୋଲି ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି କହିଛନ୍ତି ଭାରତ-ମାଲେସିଆ ମଧ୍ୟରେ ଥିବା ସହଭାଗିତା କ୍ଷେତ୍ରରେ ସେଠାରେ ରହୁଥିବା ଭାରତୀୟମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ତାମିଲ ଐତିହ୍ୟକୁ ପାଳନ କରିବା ଏବଂ ସେଠାରେ ଏକ ଥିରୁଭଲୁଭର କେନ୍ଦ୍ର ପ୍ରତିଷ୍ଠା ଘୋଷଣା ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି । ଶ୍ରୀ ରାଧାକୃଷ୍ଣନ କହିଛନ୍ତି ଏଭଳି ପଦକ୍ଷେପ ଭାରତର

ସଭ୍ୟତାଗତ ଐତିହ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

## ଆର୍‌ଏସ୍‌ଏସ୍ ଚିଫ୍ ଭଗବତ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମୁଖ୍ୟ ମୋହନ ଭଗବତ କହିଛନ୍ତି ହିନ୍ଦୁ ଏକ ବିଶେଷ୍ୟ ନୁହେଁ ବରଂ ଏକ ବିଶେଷଣ । ମୁମ୍ବାଇରେ ଗତକାଲି ସଂଘର ଶତବାର୍ଷିକୀ ସମାରୋହରେ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀ ଭଗବତ କହିଛନ୍ତି ହିନ୍ଦୁ ପରିଚୟ ଏକ ସାଂସ୍କୃତି ଏବଂ ସଭ୍ୟତାମୂଳକ ପ୍ରସଙ୍ଗ । ସେ କହିଛନ୍ତି ଭାରତରେ କେହି ଅଣ ହିନ୍ଦୁ ନୁହଁନ୍ତି, କାରଣ ସମସ୍ତ ନାଗରିକ ସେମାନଙ୍କ ବର୍ତ୍ତମାନର ଧର୍ମ ନିର୍ବିଶେଷରେ ପୂର୍ବପୁରୁଷ ଓ ସାଂସ୍କୃତିକ ଐତିହ୍ୟ ଅଂଶୀଦାର ଅଟନ୍ତି । ହିନ୍ଦୁ ଶବ୍ଦକୁ ବାହ୍ୟ ଭାବରେ ଲାଗୁ କରାଯାଇଥିବା ଏକ ପରିଚୟ ଭାବରେ ବିବେଚନା ନକରି ଏହାକୁ ଭାରତର ନୀତି ସହିତ ଜଡିତ ଲୋକଙ୍କ ପାଇଁ ଏକ ବିଶେଷଣ ଭାବରେ ଦେଖାଯିବା ଉଚିତ୍, ଯାହା ପୂର୍ବପୁରୁଷଙ୍କ ଗୌରବ ସହ ଜଡିତ ।

# ମେଘାଳୟ-ବ୍ଲାଷ୍ଟ

ମେଘାଳୟର ଥାଙ୍ଗସ୍କୋ ଅଞ୍ଚଳର ମଇନସଙ୍ଗାତ ଖଣି ବିସ୍ଫୋରଣ ପରେ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ, ସ୍ଥାନୀୟ ପୁଲିସ ଏବଂ ଜିଲ୍ଲା ପ୍ରଶାସନ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି । ଗତକାଲି ଦୁଇଟି ମୃତଦେହ ମିଳିବା ପରେ ମୋଟ୍ ମୃତ୍ୟୁସଂଖ୍ୟା ୨୭କୁ ବୃଦ୍ଧି ପାଇଛି । ଆଜି ସକାଳୁ ପୁଣି ସନ୍ଧାନ ଓ ଉଦ୍ଧାରକାର୍ଯ୍ୟ ଆରମ୍ଭ ହେବ । ସୂଚନା ଅନୁଯାୟୀ ସେଠାକାର ଜିଲ୍ଲା ପ୍ରଶାସନ ପକ୍ଷରୁ ବେଆଇନ୍ ଖଣି ଖନନ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଜୋର୍‌ଦାର କରିବା ପାଇଁ ୫ଟି ଦଳକୁ ନିୟୋଜିତ କରାଯାଇଛି । ଅଭିଯାନ ସମୟରେ ଉମଲାଓ୍ୱାଙ୍ଗ ଅନ୍ତର୍ଗତ ୯ଟି ସ୍ଥାନରୁ ୩ହଜାର ୧୯୭ ମେଟ୍ରିକ ଟନ୍ କୋଇଲା ଏବଂ ଉମଥେ ଅନ୍ତର୍ଗତ ୪ଟି ସ୍ଥାନରୁ ୩୯୧ ମେଟ୍ରିକ୍ ଟନ୍ କୋଇଲା ଜବତ କରାଯାଇଛି । ଚିହ୍ନଟ ହୋଇଥିବା ବେଆଇନ୍ ଖଣି ଖନନ ସହ ଜଡିତ ଲୋକମାନଙ୍କ ବିରୋଧରେ ଏତଲା ଦାୟର କରାଯାଇଥିବା ଜଣାପଡିଛି ।

# ନେତାନ୍ୟାହୁ-ଟ୍ରମ୍ପ ମିଟ୍

ଆମେରିକା-ଇରାନ୍ କଥାବାର୍ତ୍ତା ପ୍ରସଙ୍ଗ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଆସନ୍ତା ବୁଧବାର ଦିନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ୱାଶିଂଟନ୍‌ରେ ସାକ୍ଷାତ୍ କରିବେ । ଗତ ଶୁକ୍ରବାର ଦିନ ଆମେରିକା ଓ ଇରାନ୍ ଓମାନରେ ଆଲୋଚନା କରିଥିଲେ । ଶ୍ରୀ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁଯାୟୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ପ୍ରଦାନ ନେଇ ସମସ୍ତ ବୁଝାମଣାକୁ ସୀମିତ କରିବା ଏବଂ ଇରାନ ପକ୍ଷକୁ ସମର୍ଥନ ବନ୍ଦ କରିବା ଆବଶ୍ୟକ । ପୂର୍ବରୁ ରାଷ୍ଟ୍ରପତି ଟ୍ରମ୍ପ କହିଥିଲେ ଆମେରିକା ପକ୍ଷରୁ ସକରାତ୍ମକ ଆଲୋଚନା ହୋଇଛି ଏବଂ ଆଗାମୀ ସପ୍ତାହରେ ଆଲୋଚନା ଜାରି ରହିବ । ଇରାନ୍ ବୈଦେଶିକ ମନ୍ତ୍ରୀ ଆବାସ ଆରାଗାଛି ଗଣମାଧ୍ୟମକୁ କହିଥିଲେ ପରମାଣୁ ସମ୍ପର୍କିତ ଆଲୋଚନା ଏକ ଶାନ୍ତ ପରିବେଶରେ ହେବା ଆବଶ୍ୟକ । ସୂଚନାଯୋଗ୍ୟ ତେହେରାନ୍‌ରେ ବ୍ୟାପକ ସଂଘର୍ଷ ପରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଇରାନ୍‌କୁ ପରମାଣୁ କାର୍ଯ୍ୟକ୍ରମ ଉପରେ ଏକ ଚୁକ୍ତି କରିବା ଲାଗି ବାଧ୍ୟ କରାଯିବାକୁ କୁହାଯାଇଥିଲା ।

# ଜାପାନ-ଇଲେକ୍ସନ

ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚିଙ୍କ ଦ୍ୱାରା ଆହ୍ୱାନ ପରେ ସଂସଦୀୟ ନିର୍ବାଚନରେ ଆଜି ସେଠାକାର ଭୋଟରମାନେ ମତଦାନ କରୁଛନ୍ତି । ସାଂସଦମାନଙ୍କ ଦ୍ୱାରା ନିର୍ବାଚିତ ହେବାର କିଛିମାସ ପରେ ତାକାଇଚି ଜନସାଧାରଣଙ୍କ ସମର୍ଥନ ପାଇବା ପାଇଁ ମତଦାନ କରାଇବାକୁ ନିଷ୍ପତ୍ତି ନେଇଥିଲେ । ଯଦି ତାକାଇଚିଙ୍କ ଲିବରାଲ ଡେମୋକ୍ରାଟିକ ପାର୍ଟି ଓ ଜାପାନ ଇନୋଭେସନ ପାର୍ଟି ମେଣ୍ଟ ୩୧୦ଟି ଆସନ ଜିତିବ, ସେ କ୍ଷେତ୍ରରେ ମେଣ୍ଟକୁ ସଂଖ୍ୟାଗରିଷ୍ଠତା ମିଳିବ । ଯଦି ସେହିସଂଖ୍ୟା ହାସଲ ନ ହୁଏ ତେବେ ତାକାଇଚିଙ୍କୁ ପଦତ୍ୟାଗ କରିବାକୁ ପଡିବ । ଗୋଟିଏ ସପ୍ତାହ ପୂର୍ବରୁ ପ୍ରାୟ ୪ ଦଶମିକ ୬ ନିୟୁତ ଲୋକ ପ୍ରାରମ୍ଭିକ ମତଦାନ କରିଥିବା ଜଣାପଡିଛି ।

# କ୍ରିକେଟ

ଟି-୨୦ ବିଶ୍ୱକପ୍‌ରେ ଗତକାଲି ସଂଧ୍ୟାରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୨୯ ରନ୍‌ରେ ଆମେରିକାକୁ ପରାସ୍ତ କରିଛି । ୧୬୨ରନ୍‌ର ବିଜୟଲକ୍ଷ୍ୟକୁ ପିଛାକରି ଆମେରିକା ୨୦

ଓଭରରେ ୮ ଓ୍ୱିକେଟ୍ ହରାଇ ୧୩୨ ରନ୍ ସ୍କୋର୍ କରିଥିଲା । ଆମେରିକା ଟସ୍ ଜିତି ପ୍ରଥମେ ବୋଲିଂ କରିଥିବାବେଳେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ଓ୍ୱିକେଟ୍ ବିନିମୟରେ ୧୬୨ ରନ୍ ସ୍କୋର କରିଥିଲା । ଗତକାଲି ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ପାକିସ୍ତାନ ୩ ଓ୍ୱିକେଟ୍‌ରେ ନେଦରଲ୍ୟାଣ୍ଡ୍‌ସକୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଓ୍ୱେଷ୍ଟଇଣ୍ଡିଜ୍ ୩୫ ରନ୍‌ରେ ସ୍କଟଲ୍ୟାଣ୍ଡକୁ ପରାସ୍ତ କରିଥିଲା ।

ଏହି ପର୍ଯ୍ୟାୟରେ ଆଜି ୩ଟି ମ୍ୟାଚ୍ ଖେଳାଯିବ । ଚେନ୍ନାଇର ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ପୂର୍ବାହ୍ନ ୧୧ଟାରେ ନ୍ୟୁଜିଲାଣ୍ଡ ଏବଂ ଆଫଗାନିସ୍ତାନ ମଧ୍ୟରେ, ମୁମ୍ବାଇର ଓ୍ୱାଙ୍ଖେଡେ ଷ୍ଟାଡିୟମରେ ଅପରାହ୍ଣ ୩ଟାରେ ଇଂଲଣ୍ଡ ଓ ନେପାଳ ମଧ୍ୟରେ ଏବଂ ଶ୍ରୀଲଙ୍କାର କଲମ୍ବୋସ୍ଥିତ ଆର୍. ପ୍ରେମଦାସା ଷ୍ଟାଡିୟମରେ ଶ୍ରୀଲଙ୍କା-ଆର୍ୟାଲ୍ୟାଣ୍ଡ ମଧ୍ୟରେ ସଂଧ୍ୟା ୭ଟାରେ ମ୍ୟାଚ୍ ଅନୁଷ୍ଠିତ ହେବ ।